# ସଙ୍ଗଠନ ସୁଦୃଢ଼ କରିବା ଚିନ୍ତାରେ ବିଜେଡି

ବ୍ରହ୍ମପୁର,୩।୫(ଅଶୋକ କୁମାର ସାହୁ)

ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଛି। ୩ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ସଭା ସମିତି ଓ ଲୋକ ସମ୍ପର୍କ ବୃଦ୍ଧି ପାଇଁ ଚେଷ୍ଟା କରାଯାଉଥିବାବେଳେ ଭାଜପା ସବୁଠୁ ଆଗରେ ରହିଛି। ମାତ୍ର ବିଜେଡି ପଛରେ ପଡିଯାଇଥିବା ଲକ୍ଷ୍ୟ କରାଯାଉଛି। ଭାଜପା ସରକାର ଗଢ଼ିବାର ୨ବର୍ଷ ପୂରିବାକୁ ବସିଛି। ପ୍ରଥମ କରି ରାଜ୍ୟରେ ଦଳର ଶାସନ ସମୟରେ ଏନ୍‌ଏସି ଓ ମ୍ୟୁନିସିପାଲିଟି, ମହାନଗର ନିଗମ ଏବଂ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ବିଶେଷ କରି ବିଜେଡି ପାଇଁ ଏହା ଚିନ୍ତା ଆଣିଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ଗଞ୍ଜାମ ଜିଲା ବିଜେଡି ସଭାପତି ବିକ୍ରମ ପଣ୍ଡା ବର୍ତ୍ତମାନ ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି। ଜିଲାରେ ଦଳ ସମ୍ଭାଳିବାକୁ ଦକ୍ଷ ନେତୃତ୍ୱର ଅଭାବ ପରିଲକ୍ଷିତ ହୋଇଥିବାରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ୨ ଜଣ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଛନ୍ତି। ବ୍ରହ୍ମପୁର ଲୋକସଭା କ୍ଷେତ୍ର ପାଇଁ ଭଗବାନ ଗନ୍ତାୟତ ଓ ଆସିକା ଲୋକସଭା କ୍ଷେତ୍ର ସମ୍ଭାଳିବା ପାଇଁ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କୁ ନିଯୁକ୍ତି ଦେଇଛନ୍ତି। କଂଗ୍ରେସରେ ଥିବାବେଳେ ଭଗବାନଙ୍କ ଦଳ ସମ୍ଭାଳିବା ଦକ୍ଷତା ରହିଛି। ସେହିପରି ବିଜେଡିର ପୂର୍ଣ୍ଣଚନ୍ଦ୍ର ଜଣେ ଦକ୍ଷ ନେତା ହୋଇଥିବାରୁ ତାଙ୍କ ଉପରେ ବି ଦଳ ଭରସା କରିଛି। ବର୍ତ୍ତମାନ ଅନେକ ସ୍ଥାନରେ ତୃଣମୂଳସ୍ତରରେ ବିଜେଡିର ଦବଦବା ରହିଛି। ଯେଉଁମାନେ ପଞ୍ଚାୟତସ୍ତରରେ ଥିଲେ ସେମାନେ ପଞ୍ଚାୟତଗୁଡିକ ସମ୍ଭାଳୁଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଜେଡିର ପଲା ଭାରି ରହିଛି। କିନ୍ତୁ ଭାଜପା ଆସିବା ପରେ ତୃଣମଳସ୍ତରକୁ କିଭଳି ହଲଚଲ କରାଯିବ ତାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଭାଜପା ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ଅନେକ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଛି। କିନ୍ତୁ ବିଜେଡିର ଗଡ ସେଭଳି ସୁଦୃଢ଼ ହୋଇପାରିନି। ଅନ୍ୟପକ୍ଷରେ ଶୁଣାଯାଉଛି ଯେ, ବିଜେଡିର ତୃଣମୂଳସ୍ତରର କୁଜି ନେତାମାନେ ଯେଉଁମାନେ ବିଭିନ୍ନ କାମ ହାତଉଥିଲେ ସେମାନେ ଏବେ ବି ଶାସକ ଦଳ ଆଡେ ମୁହାଁଉଥିବା ଚର୍ଚ୍ଚା ହେଉଛି। ଯଦି ଏଭଳି ହୁଏ ତେବେ ବିଜେଡି ତୃଣମୂଳସ୍ତର ଦୋହଲିଯିବା ସମ୍ଭାବନା ରହିଛି ବୋଲି କୁହାଯାଉଛି। ଏଣେ ଗଞ୍ଜାମ ଜିଲାରେ ୨ ଏମ୍‌ପି ଆସନ ଭାଜପା ଅକ୍ତିଆର କରିଥିବାବେଳେ ହିଞ୍ଜିଳିକାଟୁ ବିଧାନସଭା କ୍ଷେତ୍ର କେବଳ ବିଜେଡି ହାତରେ ରହିଛି। ସାନଖେମୁଣ୍ଡି ଆସନ କଂଗ୍ରେସ ହାତରେ ରହିଛି। ବାକି ସବୁ ଆସନ ଭାଜପା ଅକ୍ତିଆରରେ ରହିଛି। ତେଣୁ ଆଗକୁ ଆସୁଥିବା ପଞ୍ଚାୟତ ଓ ଏନଏସି ଏବଂ ମ୍ୟୁନିସିପାଲିଟି ନିର୍ବାଚନ ବିଜେଡିର ଚିନ୍ତା ବଢ଼ାଉଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ବରିଷ୍ଠ ରାଜନୈତିକ ବିଶେଷଜ୍ଞମାନେ ମଧ୍ୟ ସ୍ଥିତି କ'ଣ ହେବ ଆକଳନ କରିପାରୁନାହାନ୍ତି। ଏ ସମ୍ପର୍କରେ ବିଜେଡିର ବ୍ରହ୍ମପୁର ସସଂଦୀୟ କ୍ଷେତ୍ରରେ କାର୍ଯକାରୀ ସଭାପତି ଥିବା ଭଗବାନ ଗନ୍ତାୟତଙ୍କୁ ପଚାରିବାରୁ ପଞ୍ଚାୟତ ନିର୍ବାଚନ ପାଇଁ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦଳର ରାଜ୍ୟ ବରିଷ୍ଠ ଉପସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ବର୍ତ୍ତମାନ ମହିଳା ବିଲ୍ ଉପରେ ପ୍ରତି ପଞ୍ଚାୟତରେ ଆସନ୍ତା ୧୦ରୁ ୨୫ ତାରିଖ ଭିତରେ ସଭା ସମିତି କରାଯିବ। ଏନେଇ ୧୩ ନିର୍ବାଚନ ମଣ୍ଡଳୀରେ ବୈଠକ କରାଯାଇ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ତୃଣମୂଳସ୍ତରର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରାଯାଇ ପଞ୍ଚାୟତ ନିର୍ବାଚନକୁ କିଭଳି ହାତେଇବାକୁ ପଡିବ ତାହା ବି କରାଯିବ। ଏନେଇ ଚିନ୍ତା କରିବାର ବେଳ ଆସିନି। କିନ୍ତୁ ଦଳକୁ ନେଇ ଯେଉଁ ରାଜନୈତିକ ମହଲରେ ଆଲୋଚନା ହେଉଛି ତାହାକୁ ସେ ଖଣ୍ଡନ କରିଛନ୍ତି। ଆଗାମୀ ଦିନରେ ଦଳ ନିଶ୍ଚିତ ଭାବେ ଭଲ କରିବ ବୋଲି ସେ କହିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା



ମହିଳାମାନେ କଳସରେ ଜଳ ଆଣି ପଦଯାତ୍ରାରେ ଆସୁଛନ୍ତି।

ବ୍ରହ୍ମପୁର,୩।୫(ଅଶୋକ କୁମାର ସାହୁ)

ସ୍ଥାନୀୟ ଗଜପତିନଗର ୭ମ ଲାଇନରେ ଥିବା ଶ୍ରୀ ରାମ ମନ୍ଦିର ଓ ଶ୍ରୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସିଂହଦ୍ୱାର ମୁଖଶାଳାର ପ୍ରତିଷ୍ଠା ଉତ୍ସବ ରବିବାର ଆରମ୍ଭ ହୋଇଛି। ଏହି ଅବସରରେ ଘୃତଯଜ୍ଞ, ନାମଯଜ୍ଞ, ଜ୍ଞାନ ଯଜ୍ଞ, ଅନ୍ନ ଯଜ୍ଞ ଆଦି ଅନୁଷ୍ଠିତ ହେଉଛି। ଏହି ଅବସରରେ ସନ୍ଧ୍ୟାରେ ବିରାଟ କଳସଯାତ୍ରା ହୋଇଛି। ପ୍ରାରମ୍ଭରେ ଋଷିକୁଲ୍ୟା ନଦୀରୁ ୧୦ କଳସ ଜଳ ଆସିବା ପରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ସହସ୍ରାଧିକ ମହିଳା ଯୋଗଦେଇ ସ୍ଥାନୀୟ ପଣ୍ଡା କଲୋନୀ ପୋଖରୀରୁ କଳସରେ ଜଳ ଆଣିଥିଲେ। ନାମ ସଂକୀର୍ତ୍ତନ, ଘୋଡାନାଚ, ନରେନ୍ଦ୍ରପୁର ଯୋଡି ଶଙ୍ଖ, ରାଜାରାଣୀ ନାଚର ତାଳେ ତାଳେ ଯଜ୍ଞ ମଣ୍ଡପରେ ପ୍ରବେଶ କରିବା ପରେ ଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା ୬ ତାରିଖ ଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ମନ୍ଦିର କମିଟି ଅଧ୍ୟକ୍ଷ ତଥା ୩୫ ନମ୍ବର ୱାର୍ଡ କର୍ପୋରେଟର ସମୀର କୁମାର ମିଶ୍ର ଓ ଆବାହକ ରାଜେନ୍ଦ୍ର କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ବିନୋଦ ଠାକୁର, ନିର୍ମଳ ପାଢ଼ୀ, ଦେବୀ ପ୍ରସାଦ ଶତପଥୀ, ସମ୍ପାଦକ ଶରତ ମହାପାତ୍ର, ସଭାପତି ବିନୋଦ ମହାପାତ୍ର, ପ୍ରଦୀପ କୁମାର ପଟ୍ଟନାୟକ, ବିରଞ୍ଚି ନାରାୟଣ ପାଢ଼ୀ, ଅନନ୍ତ ରାମ ପଣ୍ଡା, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମାରୁତି ୱାକର୍ସ କ୍ଲବର ଗ୍ରୀଷ୍ମକାଳୀନ ଯୋଗ ଶିବିର ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଶିବିରାର୍ଥୀମାନେ ଯୋଗ ପ୍ରଦର୍ଶନ କରୁଛନ୍ତି।

ବ୍ରହ୍ମପୁର,୩।୫(ଅଶୋକ କୁମାର ସାହୁ)

ମାରୁତି ୱାକର୍ସ କ୍ଲବ ତରଫରୁ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ,ବ୍ରହ୍ମପୁର ଶାଖା ସହାୟତାରେ ସ୍ଥାନୀୟ ରାମଲିଙ୍ଗେଶ୍ୱର ପାର୍କ ଠାରେ ଚାଲିଥିବା ଯୋଗ ଶିବିର ଉଦ୍‌ଯାପିତ ହୋଇଛି। ବିବେକାନନ୍ଦ କେନ୍ଦ୍ରର ଭଞ୍ଜ ବିଭାଗ ପ୍ରମୁଖ ପ୍ରଫେସର ଗୋପାଳ କୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ କେନ୍ଦ୍ରର ନଗର ସଂଚାଳକ ପ୍ରଫେସର ତାରା ପ୍ରସାଦ ଦାସ,ନଗର ପ୍ରମୁଖ କେଦାର ନାଥ ପଣ୍ଡା, କାର୍ଯ୍ୟ ପଦ୍ଧତି ପ୍ରମୁଖ ଜ୍ୟୋତିନ୍ଦ୍ର କୁମାର ସାହୁ , ଯୋଗ ପ୍ରମୁଖ ପରମାନନ୍ଦ ମହାରଣା ଯୋଗ ଦେଇଥିଲେ । ଶୁଭେନ୍ଦୁ ଭାଇ ଓ ଅଙ୍କିତ ଭାଇ ଯୋଗ ପ୍ରଦର୍ଶନ କରିଥିଲେ । ବିଭିନ୍ନ ଆସନ ବିଷୟରେ ଅବଗତ କରାଯାଇଥିଲା। ୫୦ରୁ ଅଧିକ ଶିବିରାର୍ଥୀ ଉପସ୍ଥିତ ଥିଲେ। କ୍ଲବ ର ଉପଦେଷ୍ଟା ଡ଼ ଶଙ୍କର ମାଝୀ ଯୋଗ ଶିବିର ପରିଚାଳନା କରିଥିଲେ। ଶିବିରାର୍ଥୀ ସଦାନନ୍ଦ ସେନାପତି,ଭାସ୍କର ରାଓ ,ଜନାର୍ଦ୍ଦନ ସୁବୁଦ୍ଧି ,କୃଷ୍ଣ ଚନ୍ଦ୍ର ପଣ୍ଡା ,ବିଜୟ କୁମାର ସାହୁ, ରାଜେଶ୍ୱର ରାଓ, ବିନାୟକ ନାୟକ, ଚନ୍ଦନଲଲ ସୁବୁଦ୍ଧି ,ପ୍ରମୋଦ ସେଠି ପ୍ରମୁଖ ସହଯୋଗ କରିଥିଲେ।

## ଅସ୍ତ୍ରୋପଚାର ପରେ ୩ ବର୍ଷର ଶିଶୁ ମୁଣ୍ଡରୁ ବାହାରିଲା କାଠ

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

**ଏମ୍‌କେସିଜି ନ୍ୟୁରୋସର୍ଜରି ବିଭାଗ**



ଶିଶୁ ମୁଣ୍ଡରୁ ବାହାରିଥିବା ଆମ୍ବଡାଳ।

ରବିବାର ଏମକେସିଜି ନ୍ୟୁରୋସର୍ଜରୀ ବିଭାଗରେ ୮ ଘଣ୍ଟାର ଅସ୍ତ୍ରୋପଚାର ପରେ ଜଣେ ୩ବର୍ଷ ଶିଶୁର ମୁଣ୍ଡରୁ ଆମ୍ବକାଠ ବାହାରିଛି। ଶିଶୁଟି ବର୍ତ୍ତମାନ ଶିଶୁ ବିଭାଗ ଆଇସିୟୁରେ ସୁସ୍ଥ ଅଛି ବୋଲି ମେଡିକାଲ ସୂତ୍ରରୁ କୁହାଯାଇଛି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଭଗବତୀ ନଗର ଅଞ୍ଚଳର ସଞ୍ଜିତ ହରିଜନ ଓ ସବିତା ହରିଜନଙ୍କ ଏକ ମାତ୍ର ପୁଅ ଓମ୍ ହରିଜନ (୩)। ଗତ ମଙ୍ଗଳବାର ଘର ନିକଟରେ ଖେଳୁଥିବା ସମୟରେ ଅଚାନକ ଆମ୍ବଗଛର ଡାଳ ଭାଙ୍ଗି ପଡିଯାଇଥିଲା। ଉକ୍ତ ଡାଳଟି ଓମଙ୍କ ମୁଣ୍ଡରେ ପଡ଼ି କିଛି ଅଂଶ ପଶିଯାଇଥିଲା। ପରିବାର ଲୋକେ ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଉନ୍ନତମାନର ଚିକିତ୍ସା ଉପଲବ୍ଧ ନ ଥିବାରୁ କୋରାପୁଟ ମେଡିକାଲକୁ ରେଫର୍ କରିଦେଇଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ଗୁରୁବାର ଏଠାରେ ପହଞ୍ଚିବା ପରେ ନ୍ୟୁରୋସର୍ଜରି ବିଭାଗ ମୁଖ୍ୟ ଡା.ରବି ନାରାୟଣ ପଣ୍ଡା ଚିକିତ୍ସା ଆରମ୍ଭ କରିଥିଲେ। ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଅସ୍ତ୍ରୋପଚାର କରି ମୁଣ୍ଡ ଭିତରେ ପଶିଥିବା ୩ ଇଞ୍ଚ ଲମ୍ବା କାଠ ଖଣ୍ଡକୁ ବାହାର କରିଥିଲେ। ଶିଶୁଟିର ମୁଣ୍ଡରୁ ଏହା ବାହାର କରିବା ଆହ୍ୱାନପୂର୍ଣ୍ଣ ଥିଲା। ସକାଳ ୭ଟାରୁ ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ୮ ଘଣ୍ଟା ପରିଶ୍ରମ ପରେ ଏହି କାଠଟି ବାହାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ନ୍ୟୁରୋସର୍ଜରି ବିଭାଗର ଡା.ତୁଷାରକାନ୍ତ ରଥ, ଡା.ଦେବଦତ୍ତ ସେନାପତି, ଡା.ଦେବଶ୍ରୀ ମହାରଣା, ଡା.ପି.ହରିପ୍ରସାଦ, ଡା.ଉମାଶଙ୍କର ସାସମଲ ଓ ନିଶ୍ଚେତକ ବିଭାଗର ଡା.ସଞ୍ଜୀବ ପାତ୍ର, ଡା.ବିପିନି ବିହାରୀ ମଲ୍ଲିକ, ଡା.ନିବେଦିତା ସାହୁ, ଡା.ସନ୍ୟାସୀ ସେଠୀ ସ୍ୱତନ୍ତ୍ର ଟିମ୍‌ରେ ରହି ଅସ୍ତ୍ରୋପଚାରେ ସହଯୋଗ କରିଥିଲେ। ସଫଳ ଅସ୍ତ୍ରୋପଚାର ଯୋଗୁ ଶିଶୁଟି ନୂଆ ଜୀବନ ପାଇଛି ବୋଲି ପରିବାର ପକ୍ଷରୁ କୁହାଯାଇଛି।

## ଦଶମ ଶ୍ରେଣୀ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା




ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶତପ୍ରତିଶତ ସଫଳତା ପାଇଛି। ଉକ୍ତ ସ୍କୁଲର ମୋଟ ୬୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଏ-୧ରେ ୨, ଏ-୨ରେ ୭, ବି-୧ରେ ୧୭, ବି-୨ରେ ୨୨, ସିରେ ୧୩, ଡିରେ ୫ ଓ ଇରେ ଜଣେ ବିଦ୍ୟାର୍ଥୀ ପାସ କରିଛନ୍ତି। ସୁମିତ କୁମାର ସାହୁ ୫୫୪(୯୨.୩୩%) ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ଅଲେଖ ପ୍ରସାଦ ମହାନ୍ତି ୫୪୮ (୯୧.୩୩%) ମାର୍କ ରଖି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏହି ସଫଳତା ପାଇଁ ପରିଚାଳନା ସମିତିର ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି, ଉପସଭାପତି ନରେଶ କୁମାର ପଟ୍ଟନାୟକ, ସଂପାଦକ ପ୍ରତାପ ଚନ୍ଦ୍ର ନାୟକ, ଯୁଗ୍ମ ସଂପାଦିକା ସାବିତ୍ରୀ ମହାପାତ୍ର ,କୋଷାଧ୍ୟକ୍ଷ କବିରାଜ ସାହୁ ଓ ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନି ପ୍ରମୁଖ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ଉତ୍ତରୋତ୍ତର କାମନା କରିଛନ୍ତି।

## ବଡ ମେଡିକାଲରେ ନାହିଁ ସ୍ୱତନ୍ତ୍ର ବର୍ନ କେୟାର ୟୁନିଟ, ବିଧାୟକଙ୍କ ପୁଅଙ୍କୁ ଏମ୍ସ ସ୍ଥାନାନ୍ତର

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ଚିକିଟି ନିର୍ବାଚନ ମଣ୍ଡଳୀର ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ପୁଅ ରବିବାର ଅସାବଧାନତାରୁ ପୋଡି ହୋଇଥିଲେ। ତାଙ୍କ ଶରୀରର ପ୍ରାୟ ୨୫ ଭାଗ ପୋଡି ଯାଇଛି। ତାଙ୍କୁ ପ୍ରଥମେ ଏମକେସିଜି ମେଡ଼ିକାଲ ଓ ପରେ ଭୁବନେଶର ଏମ୍‌ସକୁ ନିଆଯାଇଛି।

ବିଧାୟକଙ୍କ ପୁଅ ଘରେ ପୂଜାର୍ଚ୍ଚନା କରୁଥିବାବେଳେ ଦୀପ ନିଆଁରେ ଅକସ୍ମାତ ପୋଡି ଯାଇଥିଲେ। ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯିବା ଶୁଣି ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ପହଞ୍ଚି ଚିକିତ୍ସା ସେବା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପୋଡ଼ାଜଳା ରୋଗୀଙ୍କ ନିମନ୍ତେ ଆବଶ୍ୟକ ମୁତାବକ ଏମକେସିଜିରେ ଚିକିତ୍ସା ସୁବିଧା ନଥିବାରୁ ସେ ତାଙ୍କୁ ଏଠାରେ ମେଡ଼ିକାଲରେ ଚିକିତ୍ସା କରାଇବାକୁ ଉଚିତ ମନେ କରି ନ ଥିଲେ। ପୁଅଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ସେଠାରୁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତରିତ କରିଥିଲେ। ଏମକେସିଜି ମେଡ଼ିକାଲକୁ ଗଞ୍ଜାମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲା ସମେତ ପଡୋଶୀ ଆନ୍ଧ୍ର ସୀମାନ୍ତ ଅଞ୍ଚଳର ବହୁ ପୋଡ଼ାଜଳା ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଯାହାକୁ ନେଇ ମେଡ଼ିକାଲରେ ଏକ ସ୍ୱତନ୍ତ୍ର ବର୍ନ କେୟାର ୟୁନିଟ ଖୋଲିବାକୁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ବେଳେ ଉକ୍ତ ୟୁନିଟ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଇତିମଧ୍ୟରେ ବର୍ଷାଧିକ ସମୟ ଅତିବାହିତ ହୋଇଯାଇଥିବା ବେଳେ ଏମକେସିଜି ମେଡ଼ିକାଲରେ ବର୍ତ୍ତମାନ ସୁଦ୍ଧା ସ୍ୱତନ୍ତ୍ର ବର୍ନ କେୟାର ୟୁନିଟ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ପୋଡ଼ା ଓ ପ୍ଲାଷ୍ଟିକ ସର୍ଜରି ବିଭାଗରେ ସମୁଦାୟ ୩୯ ଶଯ୍ୟା ବେଡ଼ ରହିଛି। ସେଥିରୁ ୮ଟି ବର୍ନ ଆଇସିୟୁ ଓ ୨ଟି ଶିଶୁରୋଗୀଙ୍କ ପାଇଁ ଉଦ୍ଦିଷ୍ଟ। ପ୍ଲାଷ୍ଟିକ ସର୍ଜରି ବିଭାଗର ଦୁଇଜଣ ଅଭିଜ୍ଞ ଡାକ୍ତର ଓ ୬ ଏମସିଏଚ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନିରୀକ୍ଷଣ କରି ଚିକିତ୍ସା ଯୋଗାଇ ଦେଉଛନ୍ତି। ବିଭାଗରେ ମୋଟ ୫ ନର୍ସିଂ ଅଫିସର ଓ ୪ ଆଟେଣ୍ଡାଣ୍ଟ ନିୟୋଜିତ ଅଛନ୍ତି। କିନ୍ତୁ ବିଭାଗରେ ରୋଗୀ ଏବଂ ଶଯ୍ୟା ସଂଖ୍ୟା ତୁଳନାରେ ଭିତ୍ତିଭୂମି, ଡ଼ାକ୍ତର, ନର୍ସିଂ ଓ କର୍ମଚାରୀ ଅଭାବକୁ ପୁରଣ କରିବାକୁ ଦାବି ହୋଇଛି।

## ଶ୍ୱେତପଦ୍ମା ସାହିତ୍ୟ ସଂସଦ ପ୍ରତିଷ୍ଠା ଦିବସ



ବିଶିଷ୍ଟ କବିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ କ୍ଷୁଦ୍ର ଜଳସେଚନ ବିଭାଗ ସମ୍ମିଳନୀ କକ୍ଷରେ ଶ୍ୱେତପଦ୍ମା ସାହିତ୍ୟ ସଂସଦର ୩ୟ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାତା ଇଂ. ବିଜୟ ଚନ୍ଦ୍ର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ସାହିତ୍ୟିକ ତଥା ଶିକ୍ଷାବିତ୍ ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସାହିତ୍ୟିକ ଡ. ପ୍ରମୋଦ କୁମାର ଦ୍ୱିବେଦୀ ମୁଖ୍ୟ ଅତିଥି, ସାହିତ୍ୟିକ ସୁଶାନ୍ତ ଦାଶ ଓ ଡ. କାଳୀପଦ ପଣ୍ଡା, ଡ. ରୋଜାଲିନି ସେନାପତି ସମ୍ମାନନୀୟ ଅତିଥି ରହି ଓଡ଼ିଆ ଭାଷାର ବିକାଶ ଉପରେ କହିଥିଲେ। ସଂସଦର କାର୍ଯ୍ୟକାରୀ ସଂପାଦିକା ସସ୍ମିତା ମିଶ୍ର କାର୍ଯ୍ୟକ୍ରମ ନିର୍ବାହ କରିଥିଲେ । ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ଡ. ପ୍ରମୋଦ କୁମାର ଦ୍ୱିବେଦୀ, ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଗୀତାଞ୍ଜଳି କର, ଡ. ରୋଜାଲିନି ସେନାପତି, ଶ୍ରୀଯୁକ୍ତ ବିଦ୍ୟାଧର ଦଳବେହେରା, ଶ୍ରୀଯୁକ୍ତ ଲଳିତ କୁମାର ସ୍ୱାଇଁ, ଡ. ପ୍ରତିଟୀ ନନ୍ଦ ସମ୍ବର୍ଦ୍ଧିତ ହୋଇଥିଲେ । ଦ୍ୱିତୀୟ ଅଧିବେଶନର କବିତା ପାଠଉତ୍ସବ ସୌଦାମିନୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଡ. ଗୀତାଶ୍ରୀ ପ୍ରିୟମ୍ବଦା ମୁଖ୍ୟ ଅତିଥି, ଡ. ଲକ୍ଷ୍ମୀନାରାୟଣ ଦାଶ, ବଂଶୀଧର ସେଠୀ, ଡ. ପ୍ରତିଟୀ ନନ୍ଦ ସମ୍ମାନନୀୟ ଅତିଥି ଥିଲେ। ସାଧାରଣ ସଂପାଦିକା ମଧୁଛନ୍ଦା ମିଶ୍ର ଓ ଉପସଭାପତି ବଂଶୀଧର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ୧୧ କେନ୍ଦ୍ରରେ ନିଟ୍ ପ୍ରବେଶିକା ପରୀକ୍ଷା

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିଚାଳିତ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ନିଟ) ଶେଷ ହୋଇଛି। ୟୁଜି ପାଠ୍ୟକ୍ରମରେ ଛାତ୍ରୀଛାତ୍ର ନାମଲେଖା ନିମନ୍ତେ ଏହି ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ବ୍ରହ୍ମପୁରର ୧୧ଟି ପରୀକ୍ଷାକେନ୍ଦ୍ରରେ ଆଜି ଏହି ପରୀକ୍ଷା ଅପରାହ୍ଣ ୨ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା। ମାର୍ଗଦର୍ଶିକା ଅନୁଯାୟୀ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ କେଣସି ବୈଦ୍ୟୁତିକ ଯନ୍ତ୍ରାଂଶ ନେଇ ନଥିବା ଜଣାପ ସହରର ଭି.ଭି.ଗିରି ବାଳିକା ଉଚ୍ଚବିଦ୍ୟାଳୟ, ପାରଳା ମହାରାଜା ଇଞ୍ଜିନିୟରିଂ ମହାବିଦ୍ୟାଳୟ, ଏସ୍‌ଆର ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁଇଟି ସେଣ୍ଟର, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ସରକାରୀ ପଲିଟେକ୍ନିକ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ସିଟି ମହାବିଦ୍ୟାଳୟ ଓ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ରରେ ୫ ହଜାରରୁ ପରୀକ୍ଷାର୍ଥୀ ଦେଇଥିବା ଡିଆଇପିଆର୍‌ଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ୨୦ କୁଇଣ୍ଟାଲ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି, ୩।୫ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଆର୍.ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଅଡବା ଏବଂ ମୋହନା ଥାନା ପୋଲିସକୁ ନେଇ ଗଠିତ ଟିମ୍ ନିକଟସ୍ଥ ଜଙ୍ଗଲରେ ଚଢାଉ କରି ବିପୁଳ ପରିମାଣର ଚୋରା ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ପରିମାଣ ୨୦ କୁଇଣ୍ଟାଲ ବୋଲି ଜଣାପଡିଛି। ଏହାର ବଜାର ମୂଲ୍ୟ ପ୍ରାୟ ୨ କୋଟିରୁ ଅଧିକ ହେବ ବୋଲି ପୋଲିସ କହିଛି। ଏନେଇ ଅଡବା ଥାନାରେ ୯୧/୨୬ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ସାହୁ କହିଛନ୍ତି।

## ରିମାଣ୍ଡ ଅବଧି ପରେ ଡ୍ରାଇଭର, ସହଯୋଗୀ ଜେଲ ଫେରିଲେ

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

**ଜମି ବ୍ୟବସାୟୀ ସୁଧୀର ହତ୍ୟା ମାମଲା**

ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ଜମି ବ୍ୟବସାୟୀ ସୁଧୀର କୁମାର ପାତ୍ର ଅପହରଣ ଓ ହତ୍ୟା ଘଟଣାରେ ବ୍ୟବହୃତ ବୋଲେରୋର ଚାଳକ ଶୁଭମ ନାୟକ ଓ ତାଙ୍କ ସହଯୋଗୀ ଶୁଭମ ଗୌଡ଼ଙ୍କୁ ପୋଲିସ ୨ ଦିନିଆ ରିମାଣ୍ଡରେ ନେଇଥିଲା। ରିମାଣ୍ଡ ଅବଧି ସରିବା ପରେ ରବିବାର ଉଭୟଙ୍କୁ କୋର୍ଟରେ ହାଜର ପରେ ପରେ ବ୍ରହ୍ମପୁର ଜେଲ ପଠାଇ ଦେଇଛି। ପୋଲିସ ବୋଲେରୋ ଚାଳକ ଶୁଭମଙ୍କୁ କ୍ରାଇମ ସ୍ପଟକୁ ନେଇ ସିନ ରିକ୍ରିଏଶନ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ କରିଛି।

ସୁଧୀର ହତ୍ୟା ଘଟଣାରେ ମୁଖ୍ୟ ଷଡଯନ୍ତ୍ରକାରୀ ତାଙ୍କ ଝିଆରୀଙ୍କ ସମେତ ୯ ଜଣ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ୨ଟି ପର୍ଯ୍ୟାୟରେ ରିମାଣ୍ଡରେ ନେଇ ପଚରାଉଚରା କରି ଛାଡିଛି। ବୋଲେରୋ ଚାଳକ ଓ ତାଙ୍କ ସହଯୋଗୀଙ୍କୁ ବ୍ରହ୍ମପୁର ଜେଏମଏଫସି(ଗ୍ରାମୀଣ) କୋର୍ଟ ମାଜିଷ୍ଟ୍ରେଟ ରିତିକା ଜେନାଙ୍କ ଅନୁମତି ପ୍ରକାରେ ଶନିବାର ଓ ରବିବାର ପୋଲିସ ରିମାଣ୍ଡରେ ନେଇଥିଲା।

## ଭିକ୍ଟୋରୀ ଏକାଡେମୀ ମାର୍ଶାଲ ଆର୍ଟ୍ସର ସଫଳତା




ସମ୍ବର୍ଦ୍ଧିତ ହୋଇଥିବା ସଫଳ ପ୍ରତିଯୋଗୀମାନେ।

ବ୍ରହ୍ମପୁର,୩।୫(ଅଶୋକ କୁମାର ସାହୁ)

**ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା**

କଟକସ୍ଥିତ ଜବାହାର ଲାଲ ନେହରୁ ଇନଡୋର ଷ୍ଟାଡିୟମ ଠାରେ ୩ ଦିନ ଧରି ପଞ୍ଚମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ସାମିଲ ଥିଲେ। ବ୍ରହ୍ମପୁର ଭିକ୍ଟୋରୀ ଏକାଡେମୀ ମାର୍ଶଲ ଆର୍ଟ୍ସ ପକ୍ଷରୁ ପ୍ରାୟ ୭୩ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନେ ଚାମ୍ପିୟନ ହୋଇଛନ୍ତି ବୋଲି ଆନ୍ଧ୍ର ମହିଳା ସମାଜ ମଣ୍ଡପରେ କୈବଲ୍ୟ ବଡମୁଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋଚ ବି ସତୀଶ କୁମାର ରାଓ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୧ଜଣ ସ୍ୱର୍ଣ୍ଣ, ୩୯ଜଣ ରୌପ୍ୟ, ୫୧ଜଣ କାଂସ୍ୟ ପଦକ ପାଇଛନ୍ତି। ଏହି ଅବସରରେ ୧୩୫ ପଦକ ହାସଲ କରିଥିବା ଖେଳାଳିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ଏକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଟାଏକୋଣ୍ଡୋ ସଂଘ ସୋଭାପତି ସୁଜିତ କୁମାର ମିଶ୍ର, ଅନ୍ତର୍ଜାତୟସ୍ତରରେ ଖ୍ୟାତନାମା କୋଚ ସରୋଜ ଚନ୍ଦ୍ର ବଡମୁଣ୍ଡି , କିରନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହସିବା ସ୍ୱାସ୍ଥ୍ୟ ପକ୍ଷେ ହିତକାରକ



କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ଗେଟବଜାରସ୍ଥିତ ଏନ.ଜି.ଓ. ହଲରେ ଅର୍ଜୁନ ହସ କ୍ଲବ ପକ୍ଷରୁ ବିଶ୍ୱ ହସ ଦିବସ ପାଳିତ ହୋଇଛି। କ୍ଲବର ସଭାପତି ସୀମାଞ୍ଚଳ ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଅସ୍ଥିଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର କୃଷ୍ଣମୋହନ ପାଠୀ ଯୋଗଦେଇଥିଲେ। ସର୍ବଦା ହସିବା ସ୍ୱାସ୍ଥ୍ୟପକ୍ଷେ ହିତକାରକ ବୋଲି ଅତିଥିମାନେ କହିଥିଲେ। ସାଧାରଣ ସମ୍ପାଦକ ଡା. ସମରେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଓ କ୍ଲବର ଟି. କୁମାରସ୍ୱାମୀ ପାତ୍ର, ପୂର୍ଣ୍ଣଚନ୍ଦ୍ର ପତି, ହାରାଲ୍ଡ ଥୋମାସ ଡେଭିଡ, ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଜୀବନ ପୃଷ୍ଠପୋଷକ ସମାରୋହ ପାଇଁ ଆର୍ଥିକ ସହାୟତା ଯୋଗାଇଥିବା ୨ ବ୍ୟକ୍ତିତ୍ୱପ୍ରବୀର କୁମାର ଦାସ, ଇଂ.ଅରୁଣ କୁମାର ପଟ୍ଟନାୟକଙ୍କୁ ମଧ ସମ୍ମାନିତ କରାଯାଇଥିଲା।

